# Akashvani, Sambalpur

## SAMBALPURI NEWS EVENING BULLETIN

## 25 March 2025- 7.02 pm- 7.12 pm.

**********************************************

୧- ବିଧାନ୍‌ସଭା ନ ବିଶୃଙ୍ଖଳିତ ଆଚରଣ୍ ଲାଗି ୧୨ ଝନ୍ କଂଗ୍ରେସ୍ ସଦସ୍ୟ ୭ ଦିନ୍ ଲାଗି ନିଲମ୍ବିତ୍ ।

୨- ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଆଏବା କାଏଲ୍ ହାଇକୋର୍ଟର ନୂଆଁ ମୁଖ୍ୟ ବିଚାର୍‌ପତି ଭାବେ ନେବେ ଶପଥ୍ ।

୩- ଆତ୍ମବିଶ୍ୱାସ୍ ସହେତେ ଲୁକ୍‌କର୍ ସେବା କର୍‌ବାର୍ ଲାଗି ରାଜ୍ୟ ପ୍ରଶାସନିକ୍ ସେବା ଅଧିକାରୀମାନ୍‌କୁ ରାଜ୍ୟପାଲ୍‌ଙ୍କର୍ ପରାମର୍ଶ ।

ଆଉର୍

୪- ଇ ହପ୍ତାର୍ ଶେଷ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଠାନେ ତାପମାତ୍ରା ୨ ନୁ ୬ ଡିଗ୍ରୀତକ୍ ବଢ଼ିପାରେ ବଲି ଅନୁମାନ୍ କଲା ପାଣିପାଗ୍ ବିଭାଗ୍ ।

କଂଗ୍ରେସ୍ ବିଧାୟକ୍- ନିଲମ୍ବନ୍ ହି.ସ.

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ୍‌ର ଦୁଇ ନମ୍ବର୍ ଖେପ୍‌ର ୧୨ ନମ୍ବର ଦିନେ ବିରୋଧୀ ସଦସ୍ୟଙ୍କର୍ କିର୍ଲାଗଗାନୁ ସଖାଲ୍‌ବେଲା ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା ।

ବିଶୃଙ୍ଖଳିତ ଆଚରଣ୍ ଲାଗି ବାଚସ୍ପତି ସୁରମା ପାଢ଼ୀ ବିରୋଧୀ କଂଗ୍ରେସ୍ ଦଲର୍ ୧୨ ଝନ୍ ସଦସ୍ୟଙ୍କୁ ୭ଟା କାର୍ଯ୍ୟଦିବସ୍ ଲାଗି ବିଧାନ୍‌ସଭାନୁ ନିଲମ୍ବନ୍ ଘୋଷ୍‌ନା କରିଛନ୍ । ଝଂଗ୍ରେସ୍ ବିଧାୟକ୍‌ମାନ୍‌କର୍ କିର୍ଲାଗଗା ଲାଗି ଗଲା କିଛି ଦିନ୍ ହେଲା ବାର୍‌ବାର୍ ବିଧାନ୍‌ସଭା ଗୃହ କାର୍ଯ୍ୟ ପ୍ରଭାବିତ୍ ହେଉଥିଲା । ଇତାକେ ନଜର୍‌ଥି ରଖିକରି ବାଚସ୍ପତି ଇ ନିଲମ୍ବନ୍ ଆଦେଶ୍ ଦେଇଛନ୍ ।

ଆଏଜ୍ ସଖାଲ୍‌ବେଲା ଗୃହକାର୍ଯ୍ୟ ମୁଲ୍‌ହଉନ୍‌ସାର୍ ବିରୋଧୀ ବିଜେଡି ସଦସ୍ୟମାନେ ଅନୁସୂଚିତ୍ ଜାତି, ଜନଜାତି ଆଉ ପଛୁଆ ବର୍ଗର୍‌ଙ୍କୁ ଶିକ୍ଷା ଆଉ ନିଯୁକ୍ତି କ୍ଷେତ୍ର୍‌ଥି ସଂରକ୍ଷଣ ଆଉ ଜାତିଭିତିକ୍ ଜନଗନ୍‌ନା ଦାବି କରିଥିଲା ବେଲ୍‌କେ କଂଗ୍ରେସ୍ ସଦସ୍ୟମାନେ ମହିଳା ସୁରକ୍ଷା ପ୍ରସଙ୍ଗକେ ନେଇକରି ହୋହଲ୍ଲା କରିଥିଲେ । ଗୃହକାର୍ଯ୍ୟକେ ସ୍ୱାଭାବିକ୍ କର୍‌ବାର୍ ଲାଗି ବାଚସ୍ପତି ସର୍ବଦଲୀୟ ବୈଠକ୍ ଡାକିଥିଲେ । ହେଲେ ବୈଠକ୍‌ଥି କିଛି ନିଷ୍କର୍ଷ ବାହାରି ନାଇଁ ପାର୍‌ଲା । ଫେର୍‌ଘାଏ ଗୃହକାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ବିରୋଧୀ ସଦସ୍ୟମାନେ ବାର୍‌ବାର୍ କିର୍ଲାଗଗା କର୍‌ବାର୍‌ନୁ ବାଚସ୍ପତି ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବି ରଖିଥିଲେ ।

ଉପରବେଲା ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାଏର୍ ସମାନ୍ ସ୍ଥିତି ଲାଗି ରହିଥିଲା ।

ବିଧାନ୍‌ସଭା-ଚନ୍ଦନ୍‌କାଠ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଇହାଦେ ୪ ହଜାର ୫ ଶହ ୩୯ଟା ରକ୍ତଚନ୍ଦନ ଗଛ୍ ଅଛେ ଆଉ ଏପ୍ରିଲ ୯ ତାରିଖ୍ ରାଜ୍ୟର୍ ଚନ୍ଦନ କାଠ୍‌ର ବିଶ୍ୱସ୍ତରୀୟ ଇ-ନିଲାମ୍ କରାଯିବା ବଲି ଜଙ୍ଗଲ ଆଉ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ କହିଛନ୍ । ବିଧାନସଭାନ ବିଧାୟକ ଅରୁଣ ସାହୁଙ୍କର ଇ ବାବଦ୍ ପ୍ରଶ୍ନର୍ ଉତରଥି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ରାଏଜେ ଇହାଦେ ମହଜୁଦ୍ ଥିବା ରକ୍ତ ଚନ୍ଦନ ଗଛ୍ ଭିତ୍‌ରୁ ୨ ହଜାର ୭୧ଟା ପ୍ରାକୃତିକ୍ ଭାବେ ଲାଗିଥିଲା ବେଲ୍‌କେ ୨ ହଜାର ୪ ଶହ ୬୮ଟା ଗଛ ଜଗା ଯାଇଥିଲା । କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ଅନୁମୋଦନ୍ ଉତ୍‌ରୁ ବନ ଉନ୍ନୟନ ନିଗମ ୮ ଶହ ୯ ମେଟ୍ରିକ୍‌ଟନ୍ ନୁ ଅଏତ୍‌କା ରକ୍ତ ଚନ୍ଦନ କାଠ୍‌ର ବିଶ୍ୱସ୍ତରୀୟ ଇ-ନିଲାମ ଆଉ ଇ-ଟେଣ୍ଡର ଜରିଏ ବିକ୍ରି କର୍‌ବାର୍‌କେ ପଦକ୍ଷେପ୍ ନେଇଛନ୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ବିଧାୟକ୍ ପଦ୍ମଲୋଚନ ପଣ୍ଡାଙ୍କର୍ ଆଉ ଗୁଟେ ପ୍ରଶ୍ନ ଉତରଥି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ରାଏଜେ ହାତୀ ଆଉ ଭିନ୍ ଭିନ୍ ଜଙ୍ଗଲୀ ଜନ୍ତୁଙ୍କର୍ ଆକ୍ରମଣଥି ଗଲା ୫ ବଛର୍ ଭିତ୍‌ରେ ୭

ଶହ ୯୯ ଝନ୍ଙ୍କର ଜୀବନ୍ ଯାଇଥିଲା ବେଲ୍‌କେ ୧ ହଜାର ୯ ଶହ ୬୨ ଝନ୍ ଆହତ୍ ହେଇଛନ୍ । ସେନ୍ତା ଇ ସମିଆଥି ୨ ହଜାର ୮ ଶହ ୩୨ଟା ବାଘ ଆଉ ହାତୀ ସଙ୍ଗେ ବହୁତ୍‌ଟେ ବନ୍ୟଜନ୍ତୁଙ୍କର ଜୀବନ୍ ଯାଇଛେ । ସେଥିର୍ ଭିତ୍‌ରୁ ୮ ଶହ ୬ଟା ଜନ୍ତୁ ଶିକାରୀ ମାନଙ୍କର ହାତେ ପଡ଼ିକରି ମରିଛନ୍ ବଲି ମନ୍ତ୍ରୀ କହିଛନ୍ ।

ସେନ୍ତା ଗଲା ତିନ୍ ମାସ୍ ଭିତ୍‌ରେ ରାଏଜେ ୩ ହଜାର ହେକ୍ଟର ଜଙ୍ଗଲ ଜଲିଛେ ଆଉ ଗଲା ୪ ବଛର୍ ଭିତ୍‌ରେ ୫୩ ହଜାର ୮ ଶହ ୨୦ ହେକ୍ଟର ଜଙ୍ଗଲ ପୁଡ଼ିକରି ନୁକ୍‌ସାନ୍ ହେଇଛେ ବଲି ବିଧାନସଭାନ ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ରାଷ୍ଟ୍ରପତିଙ୍କ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ୍ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତ ସାରିକରି ଆଏଜ୍ ସଖାଲ୍‌ବେଲା ଦିଲ୍ଲୀ ଫିରି ଯାଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଷ୍ଟ୍ରପତିଙ୍କୁ ଫିର୍‌ବାର୍ ସମିଆଥି ସମ୍ବର୍ଦ୍ଧନା ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାଷ୍ଟ୍ରପତି ଙ୍କଟିଲୋ ନ ନୀଳମାଧବ ମନ୍ଦିର୍ ଦର୍ଶନ୍ କର୍‌ବାର୍ ସହେତେ କାଳିଆପଲ୍ଲୀ ଠାନେ ଥିବା

ଭାରତୀୟ ବିଶ୍ୱାବସୁ ଶବର୍ ସମାଜ୍‌ର ବାର୍ଷିକ୍ ଉତ୍ସବ୍‌ଥି ଯୋଗ୍ ଦେଇଥିଲେ ।

ଓଡ଼ିଶା ହାଇକୋର୍ଟ-ମୁଖ୍ୟ ବିଚାର୍‌ପତି    ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟର ନୂଆଁ ମୁଖ୍ୟ ବିଚାର୍‌ପତି ଭାବେ ଜଷ୍ଟିସ୍ ହରିଶ ଟଣ୍ଡନ୍ ଆଏବା କାଏଲ୍ ଶପଥ୍ ନେବେ । ଶପଥ୍ ନେବାର୍ ଆଘୋନୁ ଜଷ୍ଟିସ୍ ଟଣ୍ଡନ୍ ପୁରୀ ଯାଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କରିଛନ୍ । ଆଏବା କାଏଲ୍ ସଖାଲର୍ ୧୦ ବଜେ ହାଇକୋର୍ଟ ପରିସର ନ ହେବାର୍‌କେ ଥିବାର୍ ଖାସ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ମୁଖ୍ୟ ବିଚାର୍‌ପତି ଭାବେ ଶପଥ୍ ପାଠ୍ କରାବେ ।

ପ୍ରଶାସନିକ ଅଧିକାରୀ- ରାଜ୍ୟପାଲ୍ ପରାମର୍ଶ/ ଆର୍‌ଏନ୍‌ୟୁ/ କଟକ୍

ନିଜର୍ ଭିତ୍‌ରେ ଶିଖିବାର୍ ପ୍ରବୃତି ଜାରି ରଖିବାର୍ ସହେତେ ଜ୍ଞାନର୍ ପରିଧିକେ ବଢ଼େଇକରି ଦୃଢ଼ ଆତ୍ମବିଶ୍ୱାସ୍‌ଥି ଲୁକ୍‌କର୍ ସେବା କର୍‌ବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଓଡ଼ିଶା ପ୍ରଶାସନିକ ସେବା ଟ୍ରେନି

ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଓଡ଼ିଶା ରାଜ୍‌ଭବନ୍ ଠାନେ ଆଏଜ୍ ଓଡ଼ିଶା ରାଜସ୍ୱ ସେବାନୁ ଓଡ଼ିଶା ପ୍ରଶାସନିକ ସେବାକେ ପଦୋନ୍ନତି ପାଇଥିବା ୭୧ ଝନ୍ ଅଧିକାରୀ ଆଏଜ୍ ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟିଙ୍କୁ ଭେଟିଛନ୍ । ଇତାର୍‌ସହେତେ ଓଡ଼ିଶା ପ୍ରଶାସନିକ୍ ସେବା ୨୦୨୨ ବେଚ୍‌ର ୭୮ ଝନ୍ ନୂଆଁ ନିଯୁକ୍ତ ଅଧିକାରୀଙ୍କର୍ ସାଙ୍ଗେ ରାଜ୍ୟପାଲ୍ ଆଲୋଚନା କରିଛନ୍ । ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାନୁ କେନ୍ତାକରି ଲୋକ୍‌ମାନେ ଲାଭ୍ ପାଇପାର୍‌ବେ ଆଉ ଆତ୍ମନିର୍ଭରଶୀଳ ହେଇପାର୍‌ବେ ସେଦିଗେ କାମ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ରାଜ୍ୟପାଲ୍ କହିଛନ୍ ।

ଦୁର୍ଘଟଣା-ମୁଖ୍ୟମନ୍ତ୍ରୀ ସାହାଜ୍ ଢେଙ୍କାନାଲ୍ ସମ୍ବାଦଦାତା

ଢେଙ୍କାନାଲ୍ ଜିଲ୍ଲା କାମାକ୍ଷା ନଗର୍ ନ ସଡ଼କ୍ ଦୁର୍ଘଟଣାଥି ୩ ଝନ୍ ଶ୍ରମିକଙ୍କର୍ ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ତାଙ୍କର ପରିବାର୍ ଲୁକ୍‌କୁ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହଜ୍ ଟଙ୍କା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ କାମାକ୍ଷା ନଗର୍ ଢେଙ୍କାନାଲ୍ ରାସ୍ତାର୍ ରେକୁଲା ସତ୍‌ସଙ୍ଗ୍ କେନ୍ଦ୍ର ଆଗାଡ଼େ ରାସ୍ତାକାମ୍ ଚାଲିଥିବାର୍ ବେଲ୍‌କେ ସେନ କାମ୍ କରୁଥିବା ଶ୍ରମିକ୍ ମାନ୍‌କୁ ଗୁଟେ ହାଇଓ୍ୱା ଧକ୍କା ଦେଇଥିଲା ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ହାଇକୋର୍ଟ - ଧାନ୍‌ବିକା        ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟ ରାଏଜେ ଧାନ୍ ଘିନା ପ୍ରକ୍ରିୟାକେ ସରଲ୍ କର୍‌ବାର୍‌କେ ନେଇକରି ଚାଷୀମାନ୍‌କର୍ ସ୍ୱାର୍ଥ ଦିଗେ ସମ୍ବେଦନ୍‌ଶୀଲ୍ ହେବାର୍‌କେ ରାଜ୍ୟ ସର୍‌କାର୍‌ଙ୍କୁ ପରାମର୍ଶ ଦେଇଛନ୍ । ଇ ବ୍ୟବସ୍ଥାନୁ ଯେନ୍ତା ଝନେ ଭିଲ୍ ଚାଷୀ ବଂଚିତ୍ ନାଇଁ ହୁଅନ୍, ସେ ଦିଗେ ନଜର୍ ଦେବାର୍‌କେ ହାଇକୋର୍ଟ କହିଛନ୍ । ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ ସମିଆଥି ରାଜ୍ୟ ସମବାୟ ଆଉ କୃଷି ବିଭାଗ୍ ସବୁ ଦିଗ୍ ଉପ୍‌ରେ ଜୋର୍ ଦେବାର୍ ଲାଗି ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ ଧାନ୍ ବିକ୍‌ବାର୍‌କେ ହେଉଥିବା ଅନ୍‌ଲାଇନ୍ ପଞ୍ଜିକରଣ୍ ନୀତିର୍ ଲାଗି ହାଇକୋର୍ଟ ରାଜ୍ୟ ସର୍‌କାର୍‌ଙ୍କୁ ପ୍ରଶଂସା କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, କିଛି ଦିନ୍ ତଲେ ସମ୍ବଲ୍‌ପୁରର୍ କେତେଝନ୍ ଚାଷୀ ଅନ୍‌ଲାଇନ୍ ଜରିଏ ଧାନ୍ ବିକ୍ରି ଲାଗି ନିଜର୍ ନାଁ ପଞ୍ଜିକରଣ୍ ନାଇଁ କରେଇପାରିଥିବାର୍‌ନୁ ହାଇକୋର୍ଟ ନ ଆବେଦନ୍ କରିଥିଲେ ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ସମ୍ବଲ୍‌ପୁର୍ ସମ୍ବାଦଦାତା

ଓଡ଼ିଶା ଦକ୍ଷତା ବିକାଶ୍ ପ୍ରାଧିକରଣ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ୍ କାର୍ଯ୍ୟାଳୟର ମିଳିତ୍ ସହଯୋଗ୍‌ଥି ଧନ୍‌କଉଡ଼ା ଫୁଟ୍‌ବଲ୍

ପଡ଼ିଆଠାନେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେଇଯାଇଛେ । ମେଳାଥି ୩୦ ଟା କର୍ମସଂସ୍ଥାନ୍‌ର କର୍ତୃପକ୍ଷ, ୨୫ ଝନ୍ ଦକ୍ଷତା ପ୍ରଦାନ୍‌କାରୀ ସଂସ୍ଥା ଯୋଗ୍ ଦେଇକରି ଜିଲ୍ଲାର୍ ଶିକ୍ଷିତ ୟୁଆନ୍ ପିଲାଟୁକେଲ୍‌ମାନ୍‌କୁ ବାଛିକରି ନିଯୁକ୍ତିପତ୍ର ଦେଇଛନ୍ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍....

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ବୌଦ୍ଧ ନୂଆଁ ରେଲ୍‌ଲାଇନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ଠାନେ ନୂଆଁକରି ତିଆର୍ ହେଇଥିବା ଷ୍ଟେସନ୍‌ତକ୍ ଟ୍ରେନ୍ ଚାଲିଛେ । ଆଏଜ୍ ଇନ କରାଯାଇଥିବା ଫାଇନାଲ୍ ରନ୍ ସଫଲତାର୍ ସହେତେ ପୁରା ହେଇଛେ ବଲି ସୂଚ୍‌ନା ମିଲିଛେ । ପଶ୍ଚିମ ଆଉ ପୂର୍ବ ଓଡ଼ିଶା ଭିତ୍‌ରେ ଜୀବନ୍‌ରେଖା କୁହାଯାଉଥିବା ବଲାଙ୍ଗିର୍-ଖୋର୍ଦ୍ଧା ରେଲ୍‌ପଥ୍ ତିଆର୍ କାମ୍ ବଲାଙ୍ଗିର୍ ଆଡୁ ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ତକ୍ ଶେଷ୍ ହେଇଛେ । ଇତାର୍ ସହେତେ ଖୋବ୍ ଜଲ୍‌ଦି ବୌଦ୍ଧ ବାସୀଙ୍କର୍ ଲାଗି ରେଲ୍ ପରିବହନ୍ ଆଉ ଯାତ୍ରୀସେବା ମୁଲ୍ ହେବାର୍‌କେ ଯାଉଛେ । ରେଲ୍ ବିଭାଗ୍ ତର୍‌ଫୁ ଆଏଜ୍ ବୌଦ୍ଧ ଠାନୁ ପୁରୁଣାକଟକ୍‌ତକ୍ କମିଶନ୍ ଅଫ୍ ରେଲ୍ ସେଫ୍ଟି ଟ୍ରେନ୍ ଚାଲାଯାଇଛେ ।

ଟେକ୍ରୋନିକ୍ସ -୨୦୨୫ ସମ୍ବଲ୍‌ପୁର୍ ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍‌ର ଇଲେକ୍ଟ୍ରୋନିକ୍ସ ଆଉ ଟେଲିକମ୍ ବିଭାଗ୍‌ର ବାର୍ଷିକ୍ ବୈଷୟିକ ଉତ୍ସବ୍ 'ଟେକ୍ରୋନିକ୍ସ -୨୦୨୫' ହେଇଯାଇଛେ । କୁଳପତି ପ୍ରଫେସର୍ ଦୀପକ୍ କୁମାର୍ ସାହୁ ଉତ୍ସବ୍‌କେ ଉଦ୍‌ଘାଟନ୍ କରିଥିଲେ । ମୁଖ୍ୟଅତିଥି ଭାବେ ଭିମ୍‌ସାର୍‌ର ପ୍ରିନ୍ସିପାଲ୍ ଆର୍ ଡିନ୍ ପ୍ରଫେସର୍ ଦୀପକ୍ କୁମାର୍ ମହାନ୍ତି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସର୍କିଟ୍ ଡିଜାଇନ୍, ହାକାଥନ୍, ଟେକ୍ନୋକୁଇଜ୍, ପ୍ରକଳ୍ପ ପ୍ରଦର୍ଶନ୍, ଟ୍ରେଜରହଂଟ୍ ବାଗିର୍ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

ଜଗନ୍ନାଥ୍ ମହୋତ୍ସବ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ସ୍ୱର୍ଣ୍ଣପ୍ରୟାଗ୍ ଠାନେ ହପ୍ତେ ହେଲା ଚାଲିଥିବା ଜଗନ୍ନାଥ୍ ମହୋତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଜଗନ୍ନାଥ୍ ସଂସ୍କୃତି ଆଉ ଚେତନାର୍ ପ୍ରଚାର୍ ପ୍ରସାର୍ ଲକ୍ଷ୍ୟଥି ଜଗନ୍ନାଥଙ୍କର୍ ଦୁର୍ଲଭ ୩୨ ଟା ବେଶ ପଂଚକୁଣ୍ଡୀୟ ଘୃତଯଜ୍ଞ ସହେତେ ରାମେଶ୍ୱର୍ ନିତ୍ୟାପୁଞ୍ଜ ନ ଚାଲିଥିବା ୨୪ ପ୍ରହରୀ ନାମ୍‌ଯଜ୍ଞର୍ ପୂର୍ଣ୍ଣାହୁତି ପଡ଼ିଛେ । ୭ ଦିନ୍ ଧରିକରି ହେଇଥିବା ଜଗନ୍ନାଥ୍ ମହୋତ୍ସବ୍‌ଥି ବହୁତ୍‌ଟେ ଶ୍ରଦ୍ଧାଳୁଙ୍କର୍

ସମାଗମ୍ ହେଇଥିଲା । ଇ ଅବ୍‌ସରେ ଦାରୁବ୍ରହ୍ମ ସ୍ମରଣିକା ଭିଲ୍ ଉନ୍ମୋଚିତ୍ ହେଇଛେ ।

ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ପରିସର୍ ନ ଆଏଜ୍ ୧ କ୍ଲାସ୍ ନାଁଲେଖା ଲାଗି ଚୟନ୍ ପ୍ରକ୍ରିୟା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖଡ଼ିଆଲ୍ ତହସିଲ୍‌ଦାର୍ ଅଧ୍ୟକ୍ଷତା କରିଥିଲେ । ନାଁଲେଖା ଲାଗି ଚୟନ୍ ତାଲିକା କମ୍ପ୍ୟୁଟର୍ ଲଟ୍‌ରୀ ମାଧ୍ୟମ୍‌ଥି କରାଯାଇଛେ ।

ବୌଦ୍ଧ -ବିଶ୍ୱ ଯକ୍ଷ୍ମା ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟସମିତି ତାଲିମ୍ କେନ୍ଦ୍ର ନ ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ୍ ଅବ୍‌ସରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ଅଧିକ୍ଷକ୍ ଡକ୍ଟର୍ ସଂଘମିତ୍ରା ପଣ୍ଡା ଯୋଗ୍ ଦେଇକରି ଯକ୍ଷ୍ମା ରୋଗ୍‌ର ଲକ୍ଷଣ୍, କାରଣ୍ ଆର୍ ନିରାକରଣ୍ ବାବ୍‌ଦେ ଲୁକ୍‌କୁ ବୁଝେଇଥିଲେ । ଇତାର୍‌ସହେତେ ସର୍‌କାରୀ ଡାକ୍ତର୍‌ଖାନାମାନ୍‌କେ ଇ ରୋଗ୍ ଲାଗି ଥିବା ଚିକିତ୍ସା ସୁବିଧା ବାବ୍‌ଦେ ଭିଲ୍ ସଚେତନ୍ କରେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପଶ୍ଚିମାଝଡ଼୍ ପ୍ରଭାବ୍ କମିଯାଇଥିଲା ବେଲ୍‌କେ ଆଏଜ୍‌ଠାନୁ ଶୁକ୍ରବାର୍‌ତକ୍ ପାଣିପାଗକେ ନେଇକରି କେନ୍‌ସି ସତର୍କ ସୂଚ୍‌ନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଇ ହପ୍ତାର୍ ଶେଷ୍ ବେଲ୍‌କେ ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଆଉ କଲାହାଣ୍ଡି ଜିଲ୍ଲା ନ ତାପମାତ୍ରା ବଢ଼୍‌ବା । ଇ ସମିଆଥି ରାଜ୍ୟର୍ ଭିନ୍ ଭିନ୍ ଠାନେ ତାତି ୨ ନୁ ୬ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ କେନ୍ଦ୍ର ଅନୁମାନ୍ କରିଛେ । ରାଜ୍ୟର୍ ସବୁନୁ ଜହ ତାତି ୩୮ ଡିଗ୍ରୀ ସେଲ୍‌ସିଅସ୍ ବୌଦ୍ଧ ନ ରେକର୍ଡ଼ କରାଯାଇଛେ । ଆଏଜ୍ ଝାର୍‌ସୁଗୁଡ଼ା, ମାଲ୍‌କାନ୍‌ଗିରି, ବୌଦ୍ଧ ଆଉ ସୋନ୍‌ପୁର୍ ସହରେ ତାତି ୩୭ ଡିଗ୍ରୀନୁ ଅଏତ୍‌କା ଥିଲା ।